Department of Women &
Child Development & Mission Shakti

unicef
for every child

# ବାତ୍ସଲ୍ୟ

ଘରେ ରହୁଥିବା ମାତାପିତା ହିଁ ଶିଶୁର ପ୍ରଥମ ପ୍ରେରଣା





# ଫ୍ଲିପ୍ ଚାର୍ଟ କ'ଣ ? ଏହା ବିଷୟରେ ଏକ ବିବରଣୀ ।

ଏହି ଫ୍ଲିପ୍ ଚାର୍ଟକୁ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ୍ ହେଲଥ ଆଣ୍ଡ ନ୍ୟୁରୋ ସାଇନ୍ସ (ଏନଆଇଏମଏଚଏଏନଏସ) ର ଶିଶୁ ଓ କିଶୋର ମାନସିକ ରୋଗ ବିଭାଗ, ୟୁନିସେଫ୍ ଓଡିଶା, ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ଏବଂ ମିଶନ୍ ଶକ୍ତି ବିଭାଗର ସହଯୋଗରେ ପ୍ରସ୍ତୁତ କରାଯାଇଥିଲା ।

ମାତାପିତା ତଥା ଶିଶୁର ଯତ୍ନ ନେଉଥିବା ପରିବାରବର୍ଗଙ୍କୁ ସଚେତନତା କରାଇବା । ପିଲାମାନଙ୍କ ସ୍କୁଲ୍ ଶିକ୍ଷା ପୂର୍ବରୁ ସେମାନଙ୍କର ଯତ୍ନ ନେବା ସହିତ ମାନସିକ, ଶାରିରୀକ ଓ ବୌଦ୍ଧିକ ବିକାଶ ଦିଗରେ ଏହା କିପରି ସହାୟକ ହୋଇପାରିବ ଏ ଦିଗରେ ବିଶେଷ ଧ୍ୟାନ ଦେବା ଏହାର ମୂଳ ଉଦ୍ଦେଶ୍ୟ ରହିଥିଲା ।

ଶିଶୁର ଯତ୍ନ ନେଉଥିବା ସମୟରେ ତାର ମସ୍ତିଷ୍କ ବିକାଶ ଦିଗରେ ମାତାପିତା ଓ ଅନ୍ୟ ସଦସ୍ୟମାନଙ୍କ ପାଇଁ ଆବଶ୍ୟକ ଥିବା ପଦକ୍ଷେପ ଗୁଡିକ ଉପରେ ଅବଗତ କରାଇବା । ଘରେ ପିଲାମାନଙ୍କ ପାଇଁ କ'ଣ କରିବା ଆବଶ୍ୟକ ସେ ନେଇ ସଚେତନତା କରାଇବା ମୁଖ୍ୟ ବିଷୟ ରହିଥିଲା । ୧ରୁ ୫ବର୍ଷ ବୟସ ମଧ୍ୟରେ ଶିଶୁଙ୍କର ଉତ୍ତମ ଲାଳନ ପାଳନ ଓ ଆଦ୍ୟ ଉଦ୍ଦିପନା ଦ୍ୱାରା ଶାରିରୀକ, ମାନସିକ, ବୌଦ୍ଧିକ, ଭାଷା ଓ ସାମାଜିକ ବିକାଶ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଆଶା ରହିଥିଲା । ଯେତେବେଳେ ଏହି ଫ୍ଲିପ୍ ଚାର୍ଟ ସାଧାରଣତଃ ପ୍ରି ସ୍କୁଲ୍ ପିଲାମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିଲା । ଏହା କେତେକାଂଶରେ ପିଲାମାନଙ୍କ ପାଇଁ ବ୍ୟବହାର ଉପଯୋଗୀ ଅଟେ କିନ୍ତୁ ଅଧିକ ଭିନ୍ନକ୍ଷମ ଥିବା ପିଲାମାନଙ୍କ ପାଇଁ ଏହା ପ୍ରଯୁଜ୍ୟ ନୁହେଁ । କାରଣ ସେମାନେ ଅଧିକ ମୌଳିକ କାର୍ଯ୍ୟକଳାପ ଆବଶ୍ୟକ କରନ୍ତି ତେଣୁ ସେମାନଙ୍କ ପାଇଁ ଏହି ଫ୍ଲିପ୍ ଚାର୍ଟ ଯଥେଷ୍ଟ ପରିମାଣରେ ପ୍ରଯୁଜ୍ୟ ନୁହେଁ ।

ଫ୍ଲିପ୍ ଚାର୍ଟରେ ବର୍ଣ୍ଣିତ ଥିବା କାର୍ଯ୍ୟକଳାପ ଗୁଡିକୁ କିପରି ଠିକ୍ ଭାବରେ କାର୍ଯ୍ୟକାରୀ କରିହେବ ଏନେଇ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ୍ ହେଲଥ ଆଣ୍ଡ ନ୍ୟୁରୋ ସାଇନ୍ସ (NIMHANS) ର ଶିଶୁ ଓ କିଶୋର ମାନସିକ ରୋଗ ବିଭାଗ ଓ କ୍ଲିନିକାଲ୍ ସାଇକୋଲୋଜି ବିଭାଗଙ୍କୁ ମାର୍ଗଦର୍ଶକ ଭାବେ ଗ୍ରହଣ କରାଯାଇଥିଲା । ଛୋଟ ପିଲାମାନଙ୍କ ଅଭିଭାବକ, ଅଙ୍ଗନୱାଡ଼ୀ କେନ୍ଦ୍ରର ଶିକ୍ଷକ ଏବଂ ମୁଖ୍ୟତଃ ଶିଶୁମାନଙ୍କ କ୍ଷେତ୍ରରେ କାର୍ଯ୍ୟକରୁଥିବା ବ୍ୟକ୍ତି ବିଶେଷଙ୍କୁ ନେଇ ଏହାର ସଫଳ ପରିକଳ୍ପନା କରାଯାଇଥିଲା ।

ଫ୍ଲିପ୍ ଚାର୍ଟର ପ୍ରୟୋଗତା ଏବଂ ବ୍ୟବହାରକୁ ସୁନିଶ୍ଚିତ କରିବା ପାଇଁ ଏହାର ପ୍ରାସଙ୍ଗିକତା ଓ ଦିଆଯାଇଥିବା ବାର୍ତ୍ତାଗୁଡିକର ପୂର୍ଣ୍ଣ ବ୍ୟବହାର ସ୍ୱଚ୍ଛ, ସାଂସ୍କୃତିକ ଦିଗରେ ଶିଶୁର ବିକାଶ ପାଇଁ ଏକ ସଂକଳ୍ପ ଚିତ୍ର ସୁନିଶ୍ଚିତ କରାଯାଇଥିଲା ।

**ଏହି ଫ୍ଲିପ୍ ଚାର୍ଟ କିପରି ସଙ୍ଗଠିତ ହୋଇଛି:**

ଫ୍ଲିପ୍ ଚାର୍ଟରେ ୨୮ଟି ପୋଷ୍ଟର ରହିଛି । ପ୍ରାୟ ୫ରୁ ୬ଟି ପୋଷ୍ଟର୍ କେବଳ ଶିଶୁ ବିକାଶ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କ ପାଇଁ ଅଟେ । ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ର ନିଜ ନିଜ ମଧ୍ୟରେ କାର୍ଯ୍ୟ କୌଶଳ ଓ ଦକ୍ଷତା ବିକାଶ ନିମନ୍ତେ ସଂଗଠିତ ହୋଇଥାନ୍ତି । ସେହିପରି ଶିଶୁମାନଙ୍କ ପାଇଁ ଆବଶ୍ୟକ କାର୍ଯ୍ୟକଳାପ ଓ ସୁଯୋଗ ସୃଷ୍ଟି କରିବା ପାଇଁ ଜରୁରୀ ଥିବା କୌଶଳ ଗୁଡିକୁ ହାସଲ କରିବା ପାଇଁ ଅଧିକାଂଶ ପୋଷ୍ଟରଗୁଡିକୁ ଦୁଇଟି ଭାଗରେ ଦର୍ଶାଯାଇଛି ।

ବାମ ପାର୍ଶ୍ୱରେ ଥିବା ଛବି ଗୁଡିକ ପିଲାମାନଙ୍କ ସ୍କୁଲ୍ ଶିକ୍ଷା ପୂର୍ବରୁ କେଉଁ କୌଶଳ ଓ ଦକ୍ଷତାରେ ବିକାଶ ହେବା ଜରୁରୀ ଏ ବିଷୟରେ ଗୁରୁତ୍ୱ ଦିଆଯାଇଛି । ଉଦାହରଣ ସ୍ୱରୂପ- ବିଭିନ୍ନ ପ୍ରକାରର ବୋଧ ଜ୍ଞାନ, ସ୍ୱୟଂ ସହାୟକ କୌଶଳ, ପରିବାର ସଦସ୍ୟ ଓ ପରିଚିତ ବ୍ୟକ୍ତିଙ୍କୁ ଚିହ୍ନିବା, ବୟସ ସମକକ୍ଷ ପିଲାମାନଙ୍କ ସହିତ ସାଙ୍ଗ ହେବା, କୌଣସି ଜିନିଷର ଆକାର, ରଙ୍ଗ, ଆକୃତିକୁ ଚିହ୍ନଟ କରିବାର କ୍ଷମତା ଇତ୍ୟାଦି ବିଷୟରେ ଦର୍ଶାଯାଇଛି ।

ଡାହାଣ ପାଶ୍ୱର ଛବି ମାଧ୍ୟମରେ, ମାତାପିତା ଓ ପରିବାର ବର୍ଗ ବା ପିଲାଙ୍କୁ ଲାଳନ ପାଳନ କରୁଥିବା ବ୍ୟକ୍ତି ସଠିକ୍ ସମୟରେ ସେମାନଙ୍କ ପିଲାମାନଙ୍କର ସାମଗ୍ରୀକ ବିକାଶ ପାଇଁ କ'ଣ ପଦକ୍ଷେପ ନେବା ଉଚିତ୍ ସେ ବିଷୟରେ ଉଲ୍ଲେଖ କରାଯାଇଛି । ଯେପରିକି, ବୟସ ଅନୁପାତରେ ପିଲାଙ୍କ ପାଇଁ ଖେଳକୁଦର ଯୋଜନା, ରଙ୍ଗ ଚିହ୍ନାଇବା, ନାମ କରଣ କରିବା ସହିତ ନିଜ ବୟସର ସାଥିମାନଙ୍କ ସହ ମିଶିବା ପାଇଁ ଉତ୍ସାହିତ କରିବା ଭଳି କାର୍ଯ୍ୟ ଉପରେ ଧ୍ୟାନ ଦିଆଯାଇଛି ।

**କିଏ ଓ କେଉଁମାନଙ୍କ ପାଇଁ ଏହି ଫ୍ଲିପ୍ ଚାର୍ଟ ବ୍ୟବହାର କରିପାରିବେ ?**

ଯଦିଓ ଏହି ଫ୍ଲିପ୍ ଚାର୍ଟ ପ୍ରାଥମିକ ସ୍ତରରେ କେବଳ ଅଙ୍ଗନୱାଡି ଶିକ୍ଷକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିଲା । କିନ୍ତୁ ପିଲାମାନଙ୍କ ପାଇଁ ଅତ୍ୟାବଶ୍ୟକ ସେବା ଯୋଗାଉଥିବା କର୍ମଚାରୀ, ଶିଶୁ ପ୍ରାଥମିକ ହସ୍ତକ୍ଷେପ କେନ୍ଦ୍ର, ପୋଷଣ ସନ୍ଧାନ ଏଜେନ୍ସି, ବାଳାଶ୍ରମ ମାନଙ୍କରେ ଏହାକୁ ବିଭିନ୍ନ ସ୍ତରରେ ବ୍ୟବହାର କରାଯାଇପାରେ । ଯେହେତୁ ସେମାନେ ଘର ଘର ବୁଲି ଶିକ୍ଷାଦାନ ସହିତ ବିଭିନ୍ନ ଶିଶୁ ସ୍ୱାସ୍ଥ୍ୟ ସମସ୍ୟା ଉପରେ କାର୍ଯ୍ୟ କରିଥାନ୍ତି । ଏମାନେ ଯେତେବେଳେ ପିଲାମାନଙ୍କ ମାତାପିତାଙ୍କ ସହିତ ବାର୍ତ୍ତାଳାପ କରନ୍ତି ସେ ସମୟରେ ସେମାନଙ୍କୁ ବୁଝାଇ ପାରିବେ ଯେ, ପ୍ରାରମ୍ଭିକ ସମୟରେ ଶିଶୁର ଯତ୍ନ ନେବା କେତେ ଗୁରୁତ୍ୱ ଭୂମିକା ବହନ କରେ ଓ କେଉଁ କେଉଁ ପଦକ୍ଷେପ ମାଧ୍ୟମରେ ଜଣେ ଶିଶୁର ସାମଗ୍ରୀକ ବିକାଶ ହୋଇପାରିବ ଏ ବିଷୟରେ ସଚେତନ ହୋଇପାରିବେ ।
ବିଶେଷ ଦ୍ରଷ୍ଟବ୍ୟ: ଏହି ଫ୍ଲିପ୍ ଚାର୍ଟ ପିଲାମାନଙ୍କ ସହିତ ସିଧାସଳଖ ବ୍ୟବହାର ପାଇଁ ନୁହେଁ ।

**ଆମେ କାହିଁକି ଏହି ଫ୍ଲିପ୍ ଚାର୍ଟକୁ ବ୍ୟବହାର କରିବା-**

- ଦର୍ଶାଯାଇଥିବା ବାର୍ତ୍ତାଗୁଡିକୁ ସ୍ପଷ୍ଟ କରିବା ଓ ଉଲ୍ଲେଖ କରାଯାଇଥିବା ବିନ୍ଦୁଗୁଡିକୁ ସ୍ପଷ୍ଟ କରି ଟାର୍ଗେଟ କରାଯାଇଥିବା ଗ୍ରୁପ୍ ପାଖରେ ପହଞ୍ଚିବାକୁ ଏଥିରେ ଛବିଗୁଡିକର ବ୍ୟବହାର କରାଯାଇଛି ।
- ଆଲୋଚନାକୁ ପ୍ରଭାବଶାଳୀ କରିବା ପାଇଁ ଏଥିରେ ପୋଷ୍ଟର୍ ଏବଂ ଛବିଗୁଡିକର ବ୍ୟବହାର କରାଯାଇଛି ।
- ଦର୍ଶନ ପ୍ରକ୍ରିୟା ସର୍ବଦା ସ୍ମରଣୀୟ ହୋଇଥାଏ । ତେଣୁ ସହଜରେ ବୁଝିବା ଓ ଶିଖିବା ସହିତ ମନେ ରଖିବାକୁ ଚିତ୍ରର ବ୍ୟବହାର କରାଯାଇଛି ।
- ବାର୍ତ୍ତାଳାପ ପାଇଁ କେବଳ ଲିଖିତ ଆକାରରେ ବିଷୟବସ୍ତୁକୁ ଉପସ୍ଥାପନା କରିବା ଅପେକ୍ଷା ଛବି ସହିତ ଅଧିକ ବ୍ୟବହାର ପୂର୍ଣ୍ଣ । ଏହାଦ୍ୱାରା ଯେଉଁମାନେ ପଢିପାରନ୍ତି ନାହିଁ ସେମାନଙ୍କ ପାଇଁ ମଧ୍ୟ ଅଧିକ ଉପଯୋଗୀ ହୋଇପାରିଥାଏ ।

**ଆପଣ ଆରମ୍ଭ କରିବା ପୂର୍ବରୁ କିଛି ବିଶେଷ ବାର୍ତ୍ତା**

- ଯଦି ପର୍ଯ୍ୟାୟ କ୍ରମେ କିଛି ଚିତ୍ର ମାଧ୍ୟମରେ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ।ତେବେ ଉପସ୍ଥାପନା କରିବା ପୂର୍ବରୁ ଆପଣ ଥରେ ନିଜେ ଉପସ୍ଥାପନାର ଅଭ୍ୟାସ କରିନିଅନ୍ତୁ ।
- ଆପଣ ବ୍ୟବହାର କରୁଥିବା ଚିତ୍ର/ ପୋଷ୍ଟର୍ ଗୁଡିକର ଆକାର ବିଷୟରେ ଚିନ୍ତା କରି ନିଷ୍ପତି ନେବେ ।
- ଆପଣଙ୍କ ଉପସ୍ଥାପନା କୌଣସି ଏକ ବ୍ୟକ୍ତି କିମ୍ବା ଏକ ଗ୍ରୁପ୍ ପାଇଁ ଏ ବିଷୟରେ ଧ୍ୟାନ ଦେବେ ।
- ଆପଣଙ୍କ ଗ୍ରୁପ୍ କେତେ ବଡ ହେବା ଆବଶ୍ୟକ ତାହା ଚିନ୍ତା କରନ୍ତୁ । ଯଦି ଆପଣ ବ୍ୟବହାର କରୁଥିବା ଛବି/ପୋଷ୍ଟର୍ ଗୁଡିକ ଛୋଟ ହୋଇଥାଏ, ତେବେ ଛୋଟିଆ ଗ୍ରୁପ୍ ତିଆରି କରନ୍ତୁ ।
- ସାଧାରଣତଃ ଏକ ଗ୍ରୁପ୍‌ରେ ୧୦ରୁ ୧୫ ଜଣଙ୍କ ମଧ୍ୟରେ ସୀମିତ ରହିବା ଆବଶ୍ୟକ । ତେବେ ଆପଣ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ସହଭାଗୀତା ଓ ଶିକ୍ଷା ଗ୍ରହଣ ଉପରେ ବିଶେଷ ଧ୍ୟାନ ଦେଇପାରିବେ ।
- ପାଞ୍ଚଟି ଯାକ କାର୍ଯ୍ୟକ୍ଷେତ୍ର ଉପରେ ହେଉ କିମ୍ବା ଗୋଟିଏ କାର୍ଯ୍ୟକ୍ଷେତ୍ର ଉପରେ ଏକ ସତ୍ର ନେବାକୁ ଆପଣଙ୍କୁ କେତେ ସମୟ ଆବଶ୍ୟକ ଓ ଆପଣଙ୍କ ପାଖରେ କେତେ ସମୟ ଅଛି ଏନେଇ ଧ୍ୟାନ ଦେବେ ।
- ଶିଶୁର ଯତ୍ନ ନେବାପାଇଁ ପାଞ୍ଚୋଟି ଯାକ କାର୍ଯ୍ୟକ୍ଷେତ୍ର ଉପରେ ଗୁରୁତ୍ୱ ଦେବେ କିମ୍ବା ଗୋଟିଏ କାର୍ଯ୍ୟକ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦେବେ । ଏନେଇ ପୂର୍ବରୁ ଯୋଜନା କରିବେ ।

**ଆମେ କିପରି ଏହି ଫ୍ଲିପ୍ ଚାର୍ଟକୁ ବ୍ୟବହାର କରିବା-**

- ଗୋଟିଏ ଗୋଟିଏ କରି ପୃଷ୍ଠା ଗୁଡିକୁ ଉପସ୍ଥାପନ କରନ୍ତୁ
- କେଉଁ ପଦକ୍ଷେପ ମାଧ୍ୟମରେ ଜଣେ ଶିଶୁର ସାମଗ୍ରୀକ ବିକାଶ ହୋଇପାରିବ ଏ ବିଷୟରେ କହି ଆରମ୍ଭ କରନ୍ତୁ ଓ ଉତ୍ତମ ସ୍ୱାସ୍ଥ୍ୟ କହିଲେ କେବଳ ଭଲ ପୋଷକ ତତ୍ତ୍ୱ ଓ ଟୀକାକରଣକୁ ବୁଝାଏ ନାହିଁ ବରଂ ଶିକ୍ଷା ଓ ମାନସିକ ବିକାଶ ମଧ୍ୟ ସେତିକି ଆବଶ୍ୟକ ହୋଇଥାଏ ବୋଲି ଦର୍ଶାନ୍ତୁ ।
- ପିଲାମାନଙ୍କ ସାମଗ୍ରୀକ ବିକାଶ ପାଇଁ ୫ଟି କାର୍ଯ୍ୟ କ୍ଷେତ୍ର ରହିଛି ଯେଉଁ କ୍ଷେତ୍ର ଗୁଡିକରେ ଅମେ ଅଧିକ ଗୁରୁତ୍ୱ ଦେଇ କାର୍ଯ୍ୟ କଲେ ଜଣେ ଶିଶୁର ସାମଗ୍ରୀକ ବିକାଶ ହୋଇପାରିବ । ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ଷେତ୍ର ବିଷୟରେ କହିବା ପୂର୍ବରୁ ସେଗୁଡିକର ନାମ ପ୍ରକାଶ କରନ୍ତୁ ।
- ବାମ ଓ ଡାହାଣ ପାର୍ଶ୍ୱରେ ଉଲ୍ଲେଖ ଥିବା କୌଶଳ, ଦକ୍ଷତା, କାର୍ଯ୍ୟକ୍ରମ ଏବଂ ସୁଯୋଗ ଗୁଡିକ ମଧ୍ୟରେ କିପରି ସମ୍ପର୍କ ରହିଛି ସେ ବିଷୟରେ ବିସ୍ତୃତ ବିବରଣୀ ଦିଅନ୍ତୁ ।
- ଆଲୋଚନାକୁ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଅଧିକ ନିୟୋଜିତ କରି ରଖନ୍ତୁ ।
- ଅଂଶଗ୍ରହଣକାରୀଙ୍କୁ ପ୍ରତ୍ୟେକ ଛବିକୁ ଦେଖାଇ କୁହନ୍ତୁ, ସେମାନେ କ'ଣ ଦେଖୁଛନ୍ତି ପ୍ରତିକ୍ରିୟା ଦେବେ । ଚିତ୍ରିତ ଥିବା କାର୍ଯ୍ୟ ଏବଂ ଆଚରଣକୁ ଭଲଭାବେ ଦୃଷ୍ଟି ଦେବାକୁ କୁହନ୍ତୁ ଆଲୋଚନା ଶେଷରୁ କିଛି ପ୍ରମୁଖ ବିନ୍ଦୁ ଉପରେ ବା ଟାର୍ଗେଟ୍ କରାଯାଇଥିବା କାର୍ଯ୍ୟକଳାପ ଉପରେ ସହମତ ହୁଅନ୍ତୁ, ଯେପରି ଗ୍ରୁପ୍‌ରେ ଉପଲବ୍ଧି କରିପାରିବେ ଯେ, ସେମାନେ ବି ଠିକ୍ ଏହିପରି ସେମାନଙ୍କ ପିଲାମାନଙ୍କୁ ନେଇ ଖେଳକୁଦ କରାଇପାରିବେ ଓ ଶିକ୍ଷା ଦେଇ ପାରିବେ ।

**ବିଶେଷ ଦ୍ରଷ୍ଟବ୍ୟ-**

**-କୌଣସି ବ୍ୟକ୍ତି ବିଶେଷ କିମ୍ବା ଦ୍ୱାରରୁ ଦ୍ୱାର, ମେସେଜ୍ ମାଧ୍ୟମରେ, ଘରରୁ ଘର ବୁଲି ଶିକ୍ଷା ଦେବା ଓ ଗ୍ରୁପ୍‌ରେ ଶିକ୍ଷା ଦେବା ଓ ଆଲୋଚନା କରିବା ସମାନ ପ୍ରକ୍ରିୟା ଅଟେ ।**

# ପିଲାଙ୍କର ସାମଗ୍ରୀକ ବିକାଶ ନିମନ୍ତେ ଆବଶ୍ୟକୀୟ କାର୍ଯ୍ୟ









ପିଲାଙ୍କ ମାନସିକ ଓ ଶାରିରୀକ ବିକାଶ ପାଇଁ କେବଳ ପୋଷକ ଖାଦ୍ୟ ଓ ସାସ୍ଥ୍ୟ ସେବା ନୁହେଁ ବରଂ ଟୀକାକରଣ, ଖେଳକୁଦ ମଧ୍ୟ ଜରୁରୀ..
ଆସନ୍ତୁ ଜାଣିବା ଓ ପିଲାମାନଙ୍କ ମୌଳିକ ଆବଶ୍ୟକତାକୁ ପୁରଣ କରିବାରେ କାର୍ଯ୍ୟ କରିବା

# ଶିଶୁର ସାମଗ୍ରୀକ ବିକାଶ ନିମନ୍ତେ ୫ଟି କାର୍ଯ୍ୟ କ୍ଷେତ୍ର..



## ଶାରିରୀକ ବିକାଶ: ମାଂସପେଶୀରେ ବୃଦ୍ଧି ଓ ଦକ୍ଷତା




## ଶରୀରରେ ମାଂସପେଶୀର ବୃଦ୍ଧି ଓ ଦକ୍ଷତା ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ



## ଶାରିରୀକ ବିକାଶ: ଉତ୍ତମ କୌଶଳ ଓ ଦକ୍ଷତା






## ଉତ୍ତମ କାର୍ଯ୍ୟ କୌଶଳ ଓ ଦକ୍ଷତା ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ



# ଶାରିରୀକ ବିକାଶ: ଚେତନା ଶକ୍ତିର ବୃଦ୍ଧିପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ






# ଶାରିରୀକ ବିକାଶ: ଚେତନା ଶକ୍ତିର ବୃଦ୍ଧିପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ



## ଶାରିରୀକ ବିକାଶ: ସ୍ୱୟଂ ସହାୟକ କୌଶଳ













## ସ୍ୱୟଂ ସହାୟକ କୌଶଳ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ







# ସ୍ୱଂ ସହାୟକ କୌଶଳ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ



## କଥା ଓ ଭାଷାର ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

### ଶବ୍ଦର ଭଣ୍ଡାରକୁ ବୃଦ୍ଧି କରିବା




## କଥା ଓ ଭାଷାର ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

### ନାମ ପଚାରିବା ଓ ଜିନିଷ ସୂଚାଇବାର ଖେଳ



## କଥା ଓ ଭାଷାରେ ବିକାଶ ପାଇଁ କୌଶଳ ଓ ଦକ୍ଷତା ଗୁଡିକ

### ଛୋଟ ଛୋଟ ବାକ୍ୟ ତିଆରି କରିବାର କ୍ଷମତା




## କଥା ଓ ଭାଷାରେ ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

### ଫୋନ୍ କଥାବାର୍ତ୍ତା



## କଥା ଓ ଭାଷାରେ ବିକାଶ:
## କୌଶଳ ଓ ଦକ୍ଷତା ଗୁଡିକ

### ବର୍ଣ୍ଣନା କରି କହିବାର ଦକ୍ଷତା




## କଥା ଓ ଭାଷାରେ ବିକାଶ ପାଇଁ
## କାର୍ଯ୍ୟକଳାପର ପ୍ରୋତ୍ସାହନ

### ବହି ବ୍ୟବହାର ବିଷୟରେ ସମ୍ୟକ୍ ଧାରଣା ଦେବା



# କଥା ଓ ଭାଷାରେ ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

ନିଜର ଅନୁଭୂତି ପ୍ରକାଶ କରିବା ଓ ଆବଶ୍ୟକତା ଥିବା ଜିନିଷ ପାଇଁ କହିବାର ଅଭ୍ୟାସ
















## କଥା ଓ ଭାଷାରେ ବିକାଶ: କୌଶଳ ଓ ଦକ୍ଷତା ଗୁଡିକ




### ବର୍ଣ୍ଣନା କରି କହିବାର କ୍ଷମତା




## କଥା ଓ ଭାଷାରେ ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

### କାହାଣୀ କହିବା



# କଥା ଓ ଭାଷାରେ ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

## କଥାବାର୍ତ୍ତା ଓ ଆଲୋଚନାର ସୁଯୋଗ






# ସାମାଜିକ ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

## ପରିବାର ଲୋକଙ୍କୁ ଚିହ୍ନିବା










# ସାମାଜିକ ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

## ପରିଚିତ ଲୋକଙ୍କ ସହିତ ପରିଚୟ କରାଇବା







# ସାମାଜିକ ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

## ସାମାଜିକ ସ୍ଥଳୀ କ'ଣ ବୁଝାଇବା











# ସାମାଜିକ ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

## ପରିଚିତ ସ୍ଥାନ ଗୁଡିକର ନାମ କହିବା ସହିତ ଚିହ୍ନାଇବା





## ସାମାଜିକ ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

### ନିତ୍ୟକର୍ମ ଓ ଦୈନିକ କାର୍ଯ୍ୟକଳାପ ଗୁଡିକୁ ଦର୍ଶାଇବା



## ସାମାଜିକ ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

### ନିତ୍ୟକର୍ମ ଓ ଦୈନିକ କାର୍ଯ୍ୟକଳାପ ବିଷୟରେ ବର୍ଣ୍ଣନା କରନ୍ତୁ



# ସାମାଜିକ ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

## ସାଙ୍ଗମାନଙ୍କ ମଧ୍ୟରେ କଥାବାର୍ତ୍ତା







# ସାମାଜିକ ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

## ସାଙ୍ଗମାନଙ୍କ ମଧ୍ୟରେ ଯୋଗାଯୋଗ କରିବା ସମୟରେ ନିରିକ୍ଷଣ କରିବା





## ସାମାଜିକ ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

ଖେଳିବା ସମୟରେ ଖେଳର ନିୟମ ଗୁଡିକୁ ଜାଣିବା





## ସାମାଜିକ ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

ସାଧାରଣ ନିୟମ ଥିବା ଖେଳ ବିଷୟରେ ଜଣାଇବା





## ବୋଧ ଶକ୍ତିର ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

### ଜିନିଷ ଗୁଡିକର ବ୍ୟବହାରୀକ ଜ୍ଞାନ











## ବୋଧ ଶକ୍ତିର ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

### ଜିନିଷ ଗୁଡିକର ବ୍ୟବହାର ବିଷୟରେ ଜଣାଇବା









# ବୋଧ ଶକ୍ତିର ବିକାଶ ପାଇଁ କିଛି କାର୍ଯ୍ୟକଳାପର ପ୍ରୋତ୍ସାହନ

## ଜିନିଷ ଗୁଡିକୁ ସଜାଡି ରଖିବାର କ୍ଷମତା







## ମନୋଯୋଗ ବୃଦ୍ଧି କରିବା ପାଇଁ ଛୋଟ ଛୋଟ କାର୍ଯ୍ୟ କରିବାକୁ ଦେବା









# ବୋଧ ଶକ୍ତିର ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

## ଆକାର ଗୁଡିକର ଚିହ୍ନଟ





# ବୋଧ ଶକ୍ତିର ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

## ଆକାର ଓ ସାଧାରଣ ଧାରଣା ଗୁଡିକୁ ବୁଝାଇବା



## ବୋଧ ଶକ୍ତିର ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

### ରଙ୍ଗ ଚିହ୍ନଟ







## ବୋଧ ଶକ୍ତିର ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

### ରଙ୍ଗର ଧାରଣା ବିଷୟରେ ବୁଝାନ୍ତୁ





## ବୋଧ ଶକ୍ତିର ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

### ଆକାର ଓ ଦିଗ ଚିହ୍ନଟ







## ବୋଧ ଶକ୍ତିର ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

### ଆକାର ଓ ଦିଗ ବିଷୟରେ ବର୍ଣ୍ଣନା କରି ଜଣାନ୍ତୁ





## ବୋଧ ଶକ୍ତିର ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

### କ୍ରମାନୁସ ଓ ସଜାଡିବାର କଳା







## ବୋଧ ଶକ୍ତିର ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

### କାହାଣୀ



# ବୋଧ ଶକ୍ତିର ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

## କାର୍ଯ୍ୟ କରିବାର ବିଧି ବିଷୟରେ ଜଣାଇବା







# ବୋଧ ଶକ୍ତିର ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

## ସମ୍ପର୍କର କାରଣ ଓ ଫଳାଫଳ ବିଷୟରେ ଜଣାନ୍ତୁ





## ଆବେଗ ଶକ୍ତିର ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

### ଆବେଗ/ ଭାବନା ବିଷୟରେ ବୁଝାଇବା





## ଆବେଗ ଶକ୍ତିର ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

### ଆବେଗ ର ଛବିଗୁଡିକୁ ଚିହ୍ନଟ କରନ୍ତୁ



# ଆବେଗ ଶକ୍ତିର ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

## ଆବେଗ ଗୁଡିକୁ ଜଣାଇବାର କ୍ଷମତା









# ଆବେଗ ଶକ୍ତିର ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

ପିଲାମାନଙ୍କର ଭାବ ବା ଆବେଗକୁ ଅନ୍ୟଜଣଙ୍କ ଆଗରେ
ପ୍ରକାଶ କରିବାକୁ ସେମାନଙ୍କୁ ଚିତ୍ର ଦେଖାଇ ବୁଝାନ୍ତୁ ।



## ଆବେଗ ଶକ୍ତିର ବିକାଶ: କୌଶଳ ଓ ଦକ୍ଷତା ଗୁଡିକ

ଅନ୍ୟ ଜଣଙ୍କ ଭାବନାକୁ ବୁଝି ତା'ର କାରଣ ଜାଣିବାର କ୍ଷମତା







## ଆବେଗ ଶକ୍ତିର ବିକାଶ ପାଇଁ କାର୍ଯ୍ୟକଳାପର ପ୍ରୋତ୍ସାହନ

ଗପର ମାଧ୍ୟମରେ ଜଣାନ୍ତୁ



# ଆବେଗ ଶକ୍ତିର ବିକାଶ ପାଇଁ କିଛି କାର୍ଯ୍ୟକଳାପର ପ୍ରୋତ୍ସାହନ

କିଛି ବିଶେଷ ମୁହୂର୍ତ୍ତ ପରିବାର ଓ ପିଲାଙ୍କ ସହିତ କାଟନ୍ତୁ





ସ୍ନେହ ଓ ଆଦର କରିବା ପାଇଁ ସଠିକ୍
ସମୟରେ ପ୍ରତିକ୍ରିୟା ଜଣାନ୍ତୁ







ନ୍ୟାସ୍‌ନାଲ୍ ଇଷ୍ଟିଚ୍ୟୁଟ୍ ଅଫ୍ ମେଣ୍ଟାଲ୍ ହେଲ୍‌ଥ ଆଣ୍ଡ ନ୍ୟୁରୋ ସାଇନ୍ସ (NIMHANS) ର ଶିଶୁ ଓ କିଶୋର ମାନସିକ ରୋଗ ବିଭାଗ ଓ ୟୁନିସେଫ୍ ର ମିଳିତ ସହଯୋଗରେ



ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ଏବଂ ମିଶନ୍ ଶକ୍ତି ବିଭାଗ ଦ୍ୱାରା ସମର୍ଥିତ

